## ବଜେଟ୍ ଆଲୋଚନାରେ ବର୍ଷିଲେ ସାଂସଦ ମାନସ

# ଶୁଖିଲା ନଦୀରେ ଜାହାଜ ଚଳାଇବା ସ୍ୱପ୍ନ ରାଜ୍ୟବାସୀଙ୍କ କଟା ଘା'ରେ ଚୂନ



ଭୁବନେଶ୍ୱର,୧୦।୨(ସମିସ): ପଡ଼ୋଶୀ ରାଜ୍ୟଗୁଡ଼ିକର ଅଦଉତି ଯୋଗୁଁ ଓଡ଼ିଶାର ନଦୀଗୁଡ଼ିକ ସ୍ଥିତି ବିପନ୍ନ । ଶୁଖିଲା ବାଲି ଶେଯରେ ଶୁଷ୍କ ନଦୀଗୁଡ଼ିକ ମୃତ୍ୟୁଶଯ୍ୟାରେ ଆର୍ତ୍ତନାଦ କରୁଛନ୍ତି । ଏହି ସମୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ବଜେଟ୍ ଅଭିଭାଷଣରେ ନଦୀର ଶୁଖିଲା ବାଲିରେ ଜାହାଜ ଚଳାଇବାର ସ୍ୱପ୍ନ ଦେଖାଇବା ଓଡ଼ିଶାବାସୀଙ୍କ କଟା ଘା'ରେ ଚୂନ ମାରିବା ପରି ହୋଇଛି ବୋଲି ରାଜ୍ୟସଭାରେ ବର୍ଷିଛନ୍ତି ସାଂସଦ ମାନସ ମଙ୍ଗରାଜ।

ବଜେଟ ଆଲୋଚନାରେ ଅଂଶଗ୍ରହଣ କରି ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ବଜେଟରେ ଓଡ଼ିଶାକୁ ଜାତୀୟ ଜଳପଥ ପ୍ରକଳ୍ପରେ ସାମିଲ କରାଯାଇଛି। ବିଡ଼ମ୍ବନା ହେଉଛି ଯେ, ଏହା ହେଉଛି ଦେଢ଼ ଦଶନ୍ଧି ତଳର ପ୍ରସ୍ତାବ। ୨୦୦୮ ମସିହାରୁ ଜାତୀୟ ଜଳପଥ-୫ରେ ଓଡ଼ିଶାର ୬ଟି ଜଳପଥକୁ ସ୍ଥାନିତ କରାଯାଇଥିଲା। ଆଜିଯାଏ ସେଥିରୁ ଗୋଟିଏ ବି କାର୍ଯ୍ୟକାରୀ ହୋଇପାରି ନାହିଁ। ପୁରୁଣା ଖାତାରେ ନୂଆ ମଲାଟ ପରି ପୁନର୍ବାର ଏହାକୁ ବଜେଟରେ ସ୍ଥାନ ଦିଆଯାଇଛି। ମାତ୍ର ରାଜ୍ୟର ନଦୀଗୁଡ଼ିକରେ ପାଣି ନ ଥିବା ବେଳେ ଜାହାଜ ଚାଲିବ କେଉଁଠି? ସେହିପରି ବିରଳ ମୃତ୍ତିକା କରିଡ଼ରରେ ସାମିଲ ଦ୍ୱାରା ଓଡ଼ିଶାରୁ କୋଇଲା, ଲୁହାପଥର, ବକ୍ସାଇଟ, କ୍ରୋମାଇଟର ସହଜ ପରିବହନ ପାଇଁ କରିଡ଼ର ଓଡ଼ିଶାରୁ ଖଣିଜ ସମ୍ପଦ ପରିବହନ ସୁବିଧା ହେବ। ମାତ୍ର ଓଡ଼ିଶା ଲୋକ କେବଳ ଧୂଳି-ଧୂଆଁ-ପ୍ରଦୂଷଣ ପାଇବେ। ଯେଉଁଠି ବର୍ଷବର୍ଷ ଧରି କୋଇଲା ରାଜଭାଗ ସଂଶୋଧିତ ହେଉନାହିଁ, ଗ୍ରୀନ୍ ଟ୍ୟାକ୍ସ ପ୍ରଦାନରେ କେନ୍ଦ୍ର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି; ସେଠାରେ ଏହା ଓଡ଼ିଶାକୁ କିପରି ଲାଭାନ୍ୱିତ କରିବ ବୋଲି ସେ ପ୍ରଶ୍ନ କରିଛନ୍ତି ।

ସେ ପୁଣି କହିଛନ୍ତି ଯେ ବଜେଟରେ ୭ଟି ହାଇସ୍ପିଡ୍ ରେଳ କରିଡ଼ର ପାଇଁ ଘୋଷଣା ହୋଇଛି। ଏହା ମଧ୍ୟରୁ ଓଡ଼ିଶାକୁ ଗୋଟିଏ ବି ମିଳିନାହିଁ। ବୌଦ୍ଧ ସର୍କିଟ ବିକାଶ ଯୋଜନାରୁ ଆଶ୍ଚର୍ଯ୍ୟଜନକ ଭାବରେ "ହୀରକ ତ୍ରିଭୂଜ' ବା ଡ଼ାଇମଣ୍ଡ ଟ୍ରାଇଙ୍ଗଲ ଭାବରେ ପରିଚିତ ଓଡ଼ିଶାର ରତ୍ନଗିରି, ଉଦୟଗିରି, ଲଳିତଗିରିକୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଇଛି। ହସ୍ତତନ୍ତ ଓ ଖଦୀର ବିକାଶ ପାଇଁ ଘୋଷଣା ହୋଇଛି, ମାତ୍ର ଓଡ଼ିଶାର ଲକ୍ଷଲକ୍ଷ ବୁଣାକାରଙ୍କ ଦୀର୍ଘଦିନର ଜିଏସ୍‌ଟି ହ୍ରାସ ଦାବିକୁ ଭୁଲି ଯାଇଛନ୍ତି। ୨୦୧୪ରେ ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ଦେବାକୁ ବିଜେପି ଘୋଷଣା କରିଥିଲା। ମାତ୍ର ୧୨ ବର୍ଷ ପରେ ବି ବଜେଟରେ ଏହାର ନାମଗନ୍ଧ ସୁଦ୍ଧା ନାହିଁ। ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ବିକାଶକୁ ଉପେକ୍ଷା କରାଯାଇଛି। ପ୍ରସ୍ତାବିତ ରାସାୟନିକ ପାର୍କ, ହାଇଟେକ୍ ଟୁଲ୍‌ରୁମ୍, ପରିବେଶ ଅନୁକୂଳ ମାଲ ପରିବହନ କରିଡର, କଣ୍ଟେନର ପ୍ରଡକ୍ସନ ୟୁନିଟ୍ , ନଡ଼ିଆ ଓ କାଜୁ ଉତ୍ପାଦନ ବୃଦ୍ଧି କାର୍ଯ୍ୟକ୍ରମ ଆଦିରୁ ଓଡ଼ିଶା ସମ୍ପୂର୍ଣ୍ଣ ବଞ୍ଚିତ। ଅନ୍ୟପକ୍ଷରେ ଆୟକର ରିଆତି ଆଶାରେ ଥିବା ମଧ୍ୟବିତ୍ତ, ନିଯୁକ୍ତି ଆଶାରେ ଥିବା ଯୁବଗୋଷ୍ଠୀ, ଦରଦାମ ହ୍ରାସ ଆଶା କରିଥିବା ସାଧାରଣ ବର୍ଗଙ୍କୁ ଏହି ବଜେଟ ସମ୍ପୂର୍ଣ୍ଣ ରୂପେ ନିରାଶ କରିଛି। ସଂଘୀୟ ବ୍ୟବସ୍ଥାରେ ଦେଶର ବିକାଶ ପାଇଁ ରାଜ୍ୟର ବିକାଶକୁ ପ୍ରାଥମିକତା ଦିଆଯାଇଥାଏ; ମାତ୍ର ସରକାରଙ୍କ ପୂର୍ବୋଦୟର ବିକାଶ କେବଳ ଭାଷଣରେ ଅଟକି ଯାଇଛି ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ହାତରେ ଧନ ନ ଥାଇ ପୁଅ ବାହାଘର ପାଇଁ ମନ କରିବା ପରି ବଜେଟ୍‌ରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅନୁରୂପ ପ୍ରାବଧାନ କରିଛନ୍ତି । ୫୩.୪୭ ଲକ୍ଷ କୋଟିର ବିଶାଳ ବଜେଟ୍‌ରେ ୧୮ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ବିତ୍ତୀୟ ନିଅଣ୍ଟ ଦେଶର ବିକଳ ଆର୍ଥିକ ସ୍ଥିତିକୁ ସ୍ପଷ୍ଟ କରିଛି। ସାଢେ ଚାରିକୋଟି ଓଡ଼ିଶାବାସୀଙ୍କ ପରି ମୁଁ ମଧ୍ୟ "ଡ଼ବଲ ଇଞ୍ଜିନ୍' ସରକାର ଓଡ଼ିଶା ପାଇଁ କିଛି କରିବେ ବୋଲି ଆଶା କରିଥିଲି, ମାତ୍ର ଏହି ବଜେଟ୍ ଓଡ଼ିଶାବାସୀଙ୍କ ପାଇଁ ଅତ୍ୟନ୍ତ ନିରାଶା ଆଣିଛି ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି ।

### ■ ରାଜ୍ୟସଭାରେ ପ୍ରସଙ୍ଗ ଉଠାଇଲେ ସାଂସଦ ସସ୍ମିତ

## ୧୬ ମାସ ହେବ ପ୍ରେସ କାଉନସିଲ୍ ଅଚଳ

ଭୁବନେଶ୍ୱର,୧୦।୨(ସମିସ): ଭାରତୀୟ ପ୍ରେସ୍ କାଉନସିଲ ଦୀର୍ଘ ଦିନ ଧରି ଅଚଳ ହୋଇ ରହିଛି। ଏହା ଏକ ବ୍ୟବସ୍ଥାପିତ ଓ ସ୍ୱାୟତ୍ତ ସଂସ୍ଥା ହୋଇଥିବା ସତ୍ତ୍ୱେ ଏତେ ଦିନ ହେବ କାହିଁକି କାଉନ୍‌ସିଲ ଗଠନ ହୋଇପାରୁନାହିଁ ବୋଲି ମଙ୍ଗଳବାର ବିଜେଡି ସାଂସଦ ଡଃ ସସ୍ମିତ ପାତ୍ର ରାଜ୍ୟସଭାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଡଃ ପାତ୍ର ରାଜ୍ୟସଭାରେ ଏହି ପ୍ରସଙ୍ଗରେ କହିଛନ୍ତି, ପ୍ରେସ୍‌ର ସ୍ୱାଧୀନତା ରକ୍ଷା କରିବା ଏବଂ ସାମ୍ବାଦିକତାରେ ନୈତିକ ମାନଦଣ୍ଡ ବଜାୟ ରଖିବା ପାଇଁ ୧୯୭୮ ମସିହାରେ



ସଂସଦର ଏକ ଆଇନ ଦ୍ୱାରା ପ୍ରେସ୍ କାଉନସିଲ୍ ଗଠନ କରାଯାଇଥିଲା। ୧୪ତମ ପ୍ରେସ୍ କାଉନସିଲର କାର୍ଯ୍ୟକାଳ ୨୦୨୪ଅକ୍ଟୋବର ୫ତାରିଖରେ ଶେଷ ହୋଇଛି। ମାତ୍ର ୧୬ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ୧୫ତମ ପ୍ରେସ୍ କାଉନସିଲ ଗଠନ କରାଯାଇପାରିନାହିଁ। ପୂର୍ବତନ ଅଧ୍ୟକ୍ଷା ନ୍ୟାୟମୂର୍ତ୍ତି ରଞ୍ଜନା ଦେଶାଇଙ୍କର ବର୍ଦ୍ଧିତ କାର୍ଯ୍ୟକାଳ ୨୦୨୫ ଡିସେମ୍ବର ୧୭ ତାରିଖରେ ସମାପ୍ତ ହେବା ପରେ ତାଙ୍କର ଉତ୍ତରାଧିକାରୀ ନିଯୁକ୍ତି ନ ହେବାରୁ ପରିସ୍ଥିତି ଗମ୍ଭୀର ହୋଇଛି। ତେଣୁ, ଏହି ବିଷୟକୁ ଗୁରୁତ୍ୱର ସହ ଗ୍ରହଣ କରିବାକୁ ଡଃ ପାତ୍ର ସରକାରଙ୍କୁ ଅନୁରୋଧ କରୁଛନ୍ତି। କାଉନସିଲର ଅଧ୍ୟକ୍ଷ ନିଯୁକ୍ତି ସମ୍ପୂର୍ଣ୍ଣ କରିବା ଓ ୧୫ତମ ପ୍ରେସ୍ କାଉନସିଲ ଗଠନ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି। ଭାରତୀୟ ପ୍ରେସ୍ କାଉନସିଲର ପୂର୍ଣ୍ଣ କାର୍ଯ୍ୟକାରିତା ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା, ମିଡିଆର ଉତ୍ତରଦାୟିତ୍ୱକୁ ସୁଦୃଢ଼ କରିବା ଏବଂ ଏକ ସ୍ୱାଧୀନ, ନ୍ୟାୟପୂର୍ଣ୍ଣ ଓ ଦାୟିତ୍ୱବାନ ପ୍ରେସ୍ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ପୁନସ୍ଥାପିତ କରିବା ପାଇଁ ଅତ୍ୟନ୍ତ ଜରୁରୀ ବୋଲି ଡଃ ପାତ୍ର କହିଛନ୍ତି।

## ହାଇକୋର୍ଟରେ ୧୦ ଜଣଙ୍କୁ 'ବରିଷ୍ଠ ଆଇନଜୀବୀ' ମାନ୍ୟତା

କଟକ, ୧୦।୨(ସମିସ): ଓଡ଼ିଶା ହାଇକୋର୍ଟର ୧୦ଜଣ ଆଇନଜୀବୀଙ୍କୁ 'ବରିଷ୍ଠ ଆଇନଜୀବୀ' ଭାବେ ମାନ୍ୟତା ପ୍ରଦାନ କରାଯାଇଛି। ହାଇକୋର୍ଟ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ଦିଆଯାଇଛି। ବରିଷ୍ଠ ମାନ୍ୟତା ପାଇଥିବା ଆଇନଜୀବୀମାନେ ହେଲେ ବିଜୟ କୁମାର ଦାଶ, ହରମୋହନ ଧଳ, ସୁଜାତା ଜେନା, ନିରୋଦ କୁମାର ସାହୁ, ସଞ୍ଜୀବ କୁମାର ସ୍ୱାଇଁ, ଉପେନ୍ଦ୍ର କୁମାର ସାମଲ, ଲଲାଟେନ୍ଦୁ ସାମନ୍ତରାୟ, ଗୋପୀନାଥ ମିଶ୍ର, ବିରଜା ପ୍ରସାଦ ତ୍ରିପାଠୀ ଓ ପ୍ରସନ୍ନ କୁମାର ପାଢ଼ୀ।

### ■ ଅଦାଲତ ଅବମାନନା ମାମଲା

## ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ହାଇକୋର୍ଟଙ୍କ ପୁଲିସ ନୋଟିସ୍

କଟକ,୧୦।୨(ସମିସ):ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ବିରୋଧରେ ଓଡ଼ିଶା ହାଇକୋର୍ଟ ପୁଲିସ ନୋଟିସ୍ ଜାରି କରିଛନ୍ତି। ମୁରଲୀଧର ସ୍ୱାଇଁଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏହି ନିର୍ଦ୍ଦେଶ ଦେଇଛନ୍ତି। ନୋଟିସ୍‌ର ଜବାବ ଆସନ୍ତା ୧୦ ଦିନ ମଧ୍ୟରେ ରଖିବାକୁ କୁହାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ପାଳନ ନ କରିବା ଅଦାଲତ ଅବମାନନା ଆଇନ, ୧୯୭୧ର ଧାରା ୧୧ ଓ ୧୨ ଏବଂ ସମ୍ବିଧାନର ଅନୁଚ୍ଛେଦ ୨୧୫ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ। ଏଥିପାଇଁ ଜେଲ୍ ଦଣ୍ଡ ସହ ବ୍ୟକ୍ତିଗତ ଭାବେ ହାଜର ହେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇପାରେ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ମାମଲାରୁ ପ୍ରକାଶ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ସିନିୟର ଆସିଷ୍ଟାଣ୍ଟ ମୁରଲୀଧର ସ୍ୱାଇଁଙ୍କୁ ପିଛିଲା ପଦୋନ୍ନତି ସହ ତାଙ୍କର ସମସ୍ତ ବକେୟା ବାର୍ଷିକ ୧୨ ପ୍ରତିଶତ ସୁଧ ସହ ୮ ସପ୍ତାହରେ ପ୍ରଦାନ ପାଇଁ ହାଇକୋର୍ଟ ଗତ ୨୦୨୫ ଅକ୍ଟୋବରରେ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିର୍ଦ୍ଦେଶ ପାଳନ କରାନଯିବା ନେଇ ଆବେଦନକାରୀ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବ୍ରୁଆରୀ ୨୦କୁ ଧାର୍ଯ୍ୟ କରାଯାଇଛି।

## ଆରଟିଇ ନାମଲେଖା ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର, ୧୦।୨ (ସମିସ): ଘରୋଇ ବିଦ୍ୟାଳୟରେ ଶିକ୍ଷା ଅଧିକାର ଆଇନ (ଆରଟିଇ) ଅନୁଯାୟୀ ମାଗଣା ପାଠ ପଢ଼ିବା ପାଇଁ ଆବେଦନ ଆରମ୍ଭ ହୋଇଛି। ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲୁଏସ୍) ଛାତ୍ରଛାତ୍ରୀମାନେ ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ୧୫ ତାରିଖ ମଧ୍ୟରେ ବ୍ଲକ୍ ଶିକ୍ଷାଧିକାରୀମାନେ ଅବେଦନଗୁଡ଼ିକ ଯାଞ୍ଚ କରିବେ। ମାର୍ଚ୍ଚ ୧୬ ତାରିଖରେ ପ୍ରଥମ ରାଉଣ୍ଡ ଅନଲାଇନ ଲଟେରି ଅନୁଷ୍ଠିତ ହେବା ସହ ସ୍କୁଲ ଆବଣ୍ଟନ ହେବ। ମାର୍ଚ୍ଚ ୧୭ରୁ ୩୧ ମଧ୍ୟରେ ନାମଲେଖା ସରିବ। ଏନେଇ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଓ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଅବଗତ କରାଯାଇଛି।

ସେହିପରି ଦ୍ୱିତୀୟ ରାଉଣ୍ଡ ନାମଲେଖା ପାଇଁ ଏପ୍ରିଲ ୪ରୁ ୨୪ତାରିଖ ମଧ୍ୟରେ ପଞ୍ଜୀକରଣ ହେବ। ୨୭ ତାରିଖ ମଧ୍ୟରେ ବିଇଓ ଆବେଦନପତ୍ର ଯାଞ୍ଚ କରିବା ପରେ ୨୮ ତାରିଖରେ ଲଟେରୀ ହୋଇ ସ୍କୁଲ ଆବଣ୍ଟନ କରାଯିବ। ୨୯ରୁ ମେ' ୧୮ ତାରିଖ ମଧ୍ୟରେ ନାମଲେଖା ହେବ। ଏହି ପ୍ରକ୍ରିୟା ଶେଷ ହେବା ପରେ ବଳକା ଥିବା ସିଟ୍ ଅନୁଯାୟୀ ମେ' ୨୨ ତାରିଖରୁ ଜୁନ୍ ୧୫ତାରିଖ ମଧ୍ୟରେ ଛାତ୍ରଛାତ୍ରୀମାନେ ଆବେଦନ କରିବେ। ଜୁନ୍ ୧୮ରେ ଲଟେରି ହେବା ସହ ୧୯ରୁ ନାମଲେଖା ଆରମ୍ଭ ହେବ। ଜୁଲାଇ ୧୫ ସୁଦ୍ଧା ସମସ୍ତ ନାମଲେଖା ପ୍ରକ୍ରିୟା ଶେଷ ହେବ ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ପୁରୀରେ ଲଜ୍ ଉପରକୁ ବୋମାମାଡ଼

ପୁରୀ, ୧୦।୨ (ସମିସ): ପୁରୀକୁ ଅପରାଧମୁକ୍ତ କରିବା ଲାଗି ପୁଲିସ ପକ୍ଷରୁ ଅପରେସନ୍ ଚକ୍ର ଅଭିଯାନ ଜାରି ରହିଛି। ଏହି ଅଭିଯାନରେ ପୁଲିସକୁ ବିଭିନ୍ନ ସମୟରେ ସଫଳତା ମିଳୁଛି। ତଥାପି ଅପରାଧମୂଳକ ଘଟଣା ଉପରେ ସେମିତି ରୋକ୍ ଲାଗିପାରିନାହିଁ। ବିଭିନ୍ନ ସମୟରେ ଅପରାଧ ଘଟାଉଛନ୍ତି ଅଭିଯୁକ୍ତ। ଏପରିକି, ବେଳେବେଳେ ପୁଲିସକୁ ଚ୍ୟାଲେଞ୍ଜ ଦେବାଭଳି ଅପରାଧ ଭିଆଉଛନ୍ତି ଅପରାଧୀ। ମଙ୍ଗଳବାର ପୁରୀ ପୁଲିସ ଅପରାଧ ସମୀକ୍ଷା ବୈଠକ କରିଥିବା ବେଳେ ରାତିରେ ସହରରେ ବୋମାମାଡ଼ ହୋଇଛି। ବଳିଆପଣ୍ଡା ଲାଇଟ୍ ହାଉସ ପଛପଟେ ଥିବା ସବିତା ଘର ଲଜ୍ ଉପରକୁ ବୋମାମାଡ଼ କରାଯାଇଥିବା ସୂଚନା ମିଳିଛି। ତେବେ କେଉଁ କାରଣରୁ ବୋମାମାଡ଼ ହୋଇଛି ସେ ନେଇ ସଠିକ୍ ସୂଚନା ମିଳିପାରିନାହିଁ। ପୂର୍ବ ଶତ୍ରୁତାକୁ ନେଇ ବୋମାମାଡ଼ ହୋଇଥିବା ଅନୁମାନ କରାଯାଉଛି।

ମିଳିଥିବା ସୂଚନାନୁଯାୟୀ, ମଙ୍ଗଳବାର ରାତିରେ ବଳିଆପଣ୍ଡା ଥାନା ଅନ୍ତର୍ଗତ ଲାଇଟ୍ ହାଉସ ପଛପଟେ ଥିବା ସବିତା ଘର ଲଜ୍ ଉପରକୁ ବୋମାମାଡ଼ ହୋଇଛି। ଦୁଇ ଜଣ ବ୍ୟକ୍ତି ସ୍କୁଟିରେ ଆସି ୩ଟି ବୋମାମାଡ଼ କରିଥିବା କୁହାଯାଉଛି। ବୋମାମାଡ଼ରେ ଲଜ୍‌ର କବାଟ, ଝରକା ଗୁଣ୍ଡ ହୋଇଯାଇଛି। ଯାତ୍ରୀମାନେ ଭୟଭୀତ ଅବସ୍ଥାରେ ଲଜ୍‌ରେ ରହିଥିବା ଜଣାପଡ଼ିଛି। ଏନେଇ ପୁଲିସ ପକ୍ଷରୁ କୌଣସି ସୂଚନା ମିଳିପାରିନାହିଁ।

## ଆଜି ମହାପ୍ରଭୁଙ୍କ ବନକଲାଗି

**୪ ଘଣ୍ଟା ବନ୍ଦ ରହିବ ଦର୍ଶନ**

ପୁରୀ,୧୦।୨(ସମିସ): ଫାଲ୍‌ଗୁନ କୃଷ୍ଣ ଦଶମୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥା'ନ୍ତି।

### ଚୌଦ୍ୱାର ଜେଲରୁ ଗହଣା ଗାଏବ ଘଟଣା

## ସୁନା ଅଳଙ୍କାର ପାଲଟିଗଲା 'ଗୋଲ୍ଡ କୋଟେଡ୍'

ଚୌଦ୍ୱାର, ୧୦।୨(ସମିସ): ଚୌଦ୍ୱାର ମଣ୍ଡଳ କାରାଗାରରେ ଜଣେ ମହିଳା ବନ୍ଦୀଙ୍କ ଗହଣା ହରିଲୁଟ୍ ଘଟଣା ଏବେ ପ୍ରଶାସନିକସ୍ତରରେ ହଇଚଇ ସୃଷ୍ଟି କରିଛି। କଏଦୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ନିଜେ କିଭଳି ଦୁର୍ନୀତିକୁ ପ୍ରୋତ୍ସାହନ ଦେଉଛନ୍ତି, ତାହା ପୀଡ଼ିତା ଇତିଶ୍ରୀ ମହାନ୍ତିଙ୍କ ଅଭିଯୋଗରୁ ସ୍ପଷ୍ଟ ହେଉଛି। ବିରୋଧରେ ସେ ଥାନାରେ ଏତଲା ଦେଇଥିଲେ ହେଁ ପୁଲିସ ତାଙ୍କ ନାମକୁ ଏତଲା କପିରୁ ବାଦ୍ ଦେଇଛି। ଏହା ପୁଲିସ ଓ ଜେଲ୍ ପ୍ରଶାସନ ମଧ୍ୟରେ ଥିବା ମଧୁଚନ୍ଦ୍ରିକାକୁ ପଦାରେ ପକାଇଛି। ଏଥିସହ ଜେଲ୍ ଡିଆଇଜି ଅନସୂୟା ଜେନା ଆଜି ଇତିଶ୍ରୀଙ୍କ ବୟାନ ରେକର୍ଡ କରିବା ସମୟରେ ତାଙ୍କୁ ସାହାଯ୍ୟ କରିବା

**■ ଜେଲ୍ ଡିଆଇଜିଙ୍କ ନାଲିଆଖିକୁ ନେଇ ଚର୍ଚ୍ଚା**
**■ ପୁଲିସ ଓ ଜେଲ୍ କର୍ତ୍ତୃପକ୍ଷଙ୍କ ସଲାସୁତରା ଅଭିଯୋଗ**
**■ ନ୍ୟାୟ ପାଇଁ ଡିସିପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା ଇତିଶ୍ରୀ**



ପରିବର୍ତ୍ତେ ତାଙ୍କୁ ନାଲିଆଖି ଦେଖାଇବା ସହ ଭୟଭୀତ କରିଥିବା ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ କେବଳ ସମୟ ଗଡ଼ାଇ ଚାଲିବା ଏବଂ ନ୍ୟାୟ ପ୍ରଦାନରେ ବିଳମ୍ବ କରିବା ପଛରେ କୌଣସି ବଡ଼ଧରଣର ଷଡ଼ଯନ୍ତ୍ର ଥିବା ସନ୍ଦେହ କରାଯାଉଛି।

ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି, ଯେଉଁ ଗହଣାକୁ ସିସିଟିଭି ସମ୍ମୁଖରେ ସୁନା ବୋଲି ଦର୍ଶାଇ ଜମା ରଖାଯାଇଥିଲା, ତାହା ଗାଏବ ହେବା ପରେ ଏବେ ଜେଲ୍ କର୍ତ୍ତୃପକ୍ଷ ସେଗୁଡ଼ିକୁ 'ଗୋଲ୍ଡ କୋଟେଡ୍' ବା ସୁନା ପାଣିଦିଆ ଅଳଙ୍କାର ବୋଲି କହି ନିଜ ଦୋଷ ଛଡ଼ାଇବାକୁ ଚେଷ୍ଟା କରୁଛନ୍ତି।

ଇତିଶ୍ରୀଙ୍କ ଅଭିଯୋଗ ଅନୁଯାୟୀ, ଜେଲ୍ ଅଧୀକ୍ଷକ ସୁଜିତ ରାଉଳଙ୍କ

ଏହି ଘଟଣା ଅନେକ ପ୍ରଶ୍ନକୁ ଜନ୍ମ ଦେଇଛି। ଯଦି ପୂର୍ବତନ ଜେଲର୍‌ଙ୍କ ବଦଳି ସମୟରେ ଗହଣା ହସ୍ତାନ୍ତର ହୋଇନଥିଲା, ତେବେ ଦାୟିତ୍ୱ ଗ୍ରହଣ କରିଥିବା ଅଧିକାରୀ କାହିଁକି ଚୁପ୍ ଥିଲେ? ଗହଣା ନ ମିଳିବା ପରେ ତୁରନ୍ତ ଥାନାରେ ଅଭିଯୋଗ ନକରି ଇତିଶ୍ରୀଙ୍କ ଚାପ ପରେ ଜାନୁଆରୀ ୧୮ ରେ କାହିଁକି ରିପୋର୍ଟ କରାଗଲା? ଅଧୀକ୍ଷକ କେଉଁ ଆଧାରରେ ପୂର୍ବତନ ଜେଲରଙ୍କ ନାମରେ ମିଥ୍ୟା ମାମଲା କରିବାକୁ ଇତିଶ୍ରୀଙ୍କୁ ଟଙ୍କାର ଲୋଭ ଦେଖାଉଥିଲେ? ଏହି ସମସ୍ତ ବିଷୟ ଏବେ ଜେଲ୍ ପ୍ରଶାସନର କଳା କାରନାମାକୁ ସୂଚାଉଛି।

ଜେଲ୍ ଡିଆଇଜି ଏବେ ପୁଣି ୭ଦିନ ସମୟ ମାଗିଥିବା ବେଳେ ଇତିଶ୍ରୀ ମାନସିକସ୍ତରରେ ଭାଙ୍ଗି ପଡ଼ିଛନ୍ତି। ଜେଲ୍ ଭିତରେ କଏଦୀଙ୍କ ସମ୍ପତ୍ତି ସୁରକ୍ଷିତ ନ ଥିବା ବେଳେ ଅଧିକାରୀମାନେ ନିଜ କ୍ଷମତାର ଅପବ୍ୟବହାର କରି ପୀଡ଼ିତାଙ୍କୁ ଧମକାଇବା ଦୁର୍ଭାଗ୍ୟଜନକ ବିଷୟ। ଅନ୍ୟପକ୍ଷରେ ଜେଲ ଡିଆଇଜିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏହି ମାମଲାରେ କଟକ ଡିସିପି ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଏବଂ ଏକ ନିରପେକ୍ଷ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି।

### ■ ଯୁବତୀଙ୍କୁ ବିକ୍ରି ମାମଲା

## ଫେରାର୍ ୨ ଅଭିଯୁକ୍ତ ରାଜସ୍ଥାନରୁ ଗିରଫ

**ପୂର୍ବରୁ ଗିରଫ ହୋଇଥିଲେ ୩**

ସମ୍ବଲପୁର, ୧୦।୨(ସମିସ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଦିଲ୍ଲୀ ବୁଲାଇବାକୁ ନେଇ ସେଠାରେ ୫ଲକ୍ଷ ଟଙ୍କାରେ ବିକ୍ରି ମାମଲାରେ ପୂର୍ବରୁ ୩ ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଆଉ ୨ ଜଣଙ୍କୁ ଯୁଯୋମୁରା ପୁଲିସ ରାଜସ୍ଥାନରୁ ଗିରଫ କରିଛି। ସେମାନେ ହେଲେ, କଳାହାଣ୍ଡି ଜିଲ୍ଲା ଗଲାମୁଣ୍ଡା ଥାନା ସରସଗୁଡ଼ା ଗାଁର ଦଶରଥ ମଙ୍ଗରାଜ ଓରଫ୍ ଯୋଗେନ୍ଦ୍ର (୨୬) ଓ ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା ପାନପୋଷର ମଞ୍ଜୁ ତିର୍କୀ (୩୨)। ପୁଲିସ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି। ଯୁଯୋମୁରା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଏକାଠି କାମ କରୁଥିବା ଦୁଇଜଣ ଝିଅ ସାଙ୍ଗ ଗତବର୍ଷ ଜୁଲାଇ ମାସରେ ଦିଲ୍ଲୀ ବୁଲିଯିବା ପାଇଁ କହିଥିଲେ। ସେମାନେ ସମ୍ବଲପୁର ସିଟି ରେଳଷ୍ଟେସନରୁ ଟ୍ରେନ୍‌ରେ ଦିଲ୍ଲୀକୁ ଯାଇ ପୁଣି ଦିଲ୍ଲୀରୁ ଅନ୍ୟ ଏକ ଟ୍ରେନ ଯୋଗେ ରାଜସ୍ଥାନ ଜୟପୁରକୁ ଯାଇଥିଲେ। ସେଠାରେ ଜଣେ ବୟସ୍କ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଥିଲା। ବୟସ୍କ ବ୍ୟକ୍ତି ଜଣଙ୍କ ଯୁବତୀଙ୍କ ପ୍ରତି ଅସଦାଚରଣ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ରାତିରେ ସେ ସେଠାରୁ ଖସି ପଳାଇ ଆସିଥିଲେ।



ନୂଆଦିଲ୍ଲୀସ୍ଥିତ ହଜଖାସ୍ ଜଗନ୍ନାଥ ମନ୍ଦିରରେ ପୁରୀ ଗୋବର୍ଦ୍ଧନ ପୀଠର ପୀଠାଧୀଶ ଜଗତଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କୁ ସାକ୍ଷାତ କରିବା ସହ ଆଶୀର୍ବାଦ ନେଉଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

## ୨୦୨୭ ମାର୍ଚ୍ଚ ସୁଦ୍ଧା ସବୁ ଗାଁ'କୁ ପାଇପ୍ ପାଣି

ଭୁବନେଶ୍ୱର, ୧୦।୨(ସମିସ): ଗ୍ରାମୀଣ ପାନୀୟ ଜଳଯୋଗାଣ ବ୍ୟବସ୍ଥା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସମୀକ୍ଷା କରିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ୨୦୨୭ ମାର୍ଚ୍ଚ ସୁଦ୍ଧା ସମସ୍ତ ଗାଁକୁ ପାଇପ୍ ଜଳ ଯୋଗାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ବିଶେଷ ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟର ୪୬, ୫୩୧ ଟି ଗ୍ରାମ ମଧ୍ୟରୁ ୨୧, ୭୨୧ଟି ଗ୍ରାମକୁ ପାଇପ ଜଳ ଯୋଗାଣ ବ୍ୟବସ୍ଥା ରହିଛି। ଏହାସହ ସୌରଶକ୍ତି, ମେଗା ପାନୀୟ ଜଳ ପ୍ରକଳ୍ପ ଆଦି ବିଭିନ୍ନ ପ୍ରକଳ୍ପ ନିର୍ମାଣାଧୀନ ଅଛି। ସମସ୍ତ ଗ୍ରାମକୁ ଜଳଯୋଗାଣ କରିବା ପାଇଁ ୫୪ ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଛି।

### ■ ଖୁଣ୍ଟୁବନ୍ଧ ସପ୍ନେଶ୍ୱର କ୍ଲବ୍ ପାଲଟିଥିଲା ଗୋଦାମ

## ୩ ଶହ ବସ୍ତା ଗୁଟ୍‌ଖା ଜବତ

ନୟାଗଡ଼,୧୦।୨(ସମିସ): ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀଙ୍କ ନିର୍ଦ୍ଦେଶରେ ଚାଲିଥିବା ଗୁଟ୍‌ଖା ଚଢ଼ଉ ଅଭିଯାନରେ ସଦରଥାନା ପୁଲିସକୁ ଆଜି ପୁଣି ଏକ ବଡ଼ ସଫଳତା ମିଳିଛି। ଜେଲରେ ରହିଥିବା ଅଭିଯୁକ୍ତ କମଳ ସାହୁର ଏକ ଗୋଦାମ ଉପରେ ପୁଲିସ ଚଢ଼ଉ କରି ବିପୁଳ ପରିମାଣର ଗୁଟ୍‌ଖା ଜବତ କରିଛି। ଖୁଣ୍ଟୁବନ୍ଧ ମଙ୍ଗଳା ମନ୍ଦିର ପାଖରେ ରହିଥିବା ସ୍ୱପ୍ନେଶ୍ୱର କ୍ଲବ୍ ଘର ଭିତରେ ଏହି ଗୁଟ୍‌ଖା ମହଜୁଦ ରହିଥିବା ନେଇ ପୁଲିସ ଖବର ପାଇଥିଲା। ସଦର ଥାନା ଅଧିକାରୀ ପ୍ରିୟତମା ବେହେରା ସଦଳବଳ ଚଢ଼ଉ କରିଥିଲେ। ଉକ୍ତ କ୍ଲବ୍ ଘରେ ଦୁଇଟି ତାଲା ପଡ଼ିଥିଲା। ଝରକା ଫାଙ୍କାରେ ଗୁଟ୍‌ଖା ରହିଥିବା ସ୍ପଷ୍ଟ ହେବା ପରେ ପୁଲିସ ମାଜିଷ୍ଟ୍ରେଟ୍‌ଙ୍କୁ ଡକାଇଥିଲା। ନୟାଗଡ଼ ଅତିରିକ୍ତ ତହସିଲଦାର କୃଷ୍ଣଚନ୍ଦ୍ର ନାୟକଙ୍କ ଉପସ୍ଥିତିରେ ତାଲା ଭଙ୍ଗା ଯାଇଥିଲା। ଉକ୍ତ ଘର ଭିତରୁ ଆନୁମାନିକ ୩ ଶହ ବସ୍ତା ଗୁଟ୍‌ଖା ଜବତ କରାଯାଇଛି। ଜବତ ଗୁଟ୍‌ଖା ମୂଲ୍ୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଜବତ ଗୁଟ୍‌ଖାକୁ ସଦରଥାନାକୁ ଅଣାଯାଇଥିବା ବେଳେ ପୁଣି ଏକ ମାମଲା ରୁଜୁ କରାଯିବ ବୋଲି ପୁଲିସ ନିକଟରୁ ସୂଚନା ମିଳିଛି। ଗତକାଲି ସଦରଥାନା ପୁଲିସ ୩ ଟି ଗୁଟ୍‌ଖା ବୋଝେଇ ଗାଡ଼ିକୁ ପୁଲିସ ଜବତ କରିଥିଲା। ଗାଡ଼ି ଗୁଡ଼ିକ ମଧ୍ୟରେ ଦୁଇଟି ପିକ୍‌ଅପ୍ ଭ୍ୟାନ ଏବଂ ଗୋଟିଏ ଆଇଚର ଗାଡ଼ି ରହିଥିଲା।

# ବିଳମ୍ବିତ ହେବ ମାଓମୁକ୍ତ ଓଡ଼ିଶା!

**ନକ୍ସଲ ବିରୋଧୀ ପ୍ରଶିକ୍ଷଣ ପାଇଁ ଆଇଜିଙ୍କ ଚିଠି**

ଭୁବନେଶ୍ୱର, ୧୦।୨(ସମିସ): ଦେଶରେ ମୁଣ୍ଡ ଟେକିଥିବା ମାଓବାଦୀ କାର୍ଯ୍ୟକଳାପକୁ ଦମନ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉଦ୍ୟମ କରିଆସୁଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆସନ୍ତା ମାର୍ଚ୍ଚ ୩୧ସୁଦ୍ଧା ନକ୍ସଲମୁକ୍ତ ଭାରତ ପାଇଁ ଆହ୍ୱାନ ଦେଇଛନ୍ତି। ଏହାରି ଭିତରେ ଆଇଜି (ଅପରେସନ୍) ଉଗ୍ରବାଦୀ ବିରୋଧୀ ପ୍ରଶିକ୍ଷଣ ପାଇଁ ଚିଠି ଲେଖିଛନ୍ତି। ଏଭଳି ଚିଠି ପରେ ମାଓମୁକ୍ତ ଓଡ଼ିଶା ବିଳମ୍ବିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

ସୂଚନାନୁସାରେ, ପ୍ରତିବର୍ଷ ଏସ୍‌ଓଜି ଚନ୍ଦକା ଓ ଏସ୍‌ଓଜି (ଏଇଟି/ଆରସି) କୋରାପୁଟଠାରେ ଆଣ୍ଟି ଏକ୍ସଟ୍ରିମିଷ୍ଟ ଟାକଟିକ୍ସ (ଏଇଟି) (ଉଗ୍ରବାଦ ବିରୋଧୀ ରଣନୀତି) ପ୍ରଶିକ୍ଷଣ ଦିଆଯାଏ। ୩ମାସର ଏହି ପ୍ରଶିକ୍ଷଣରେ କନେଷ୍ଟବଳ ଓ ସିପାହୀମାନଙ୍କୁ ନକ୍ସଲ ଓ ମାଓବାଦୀଙ୍କ ବିରୋଧରେ କିପରି ଲଢ଼େଇ କରିବ, ସେନେଇ ପ୍ରଶିକ୍ଷଣ ଦିଆଯାଏ। ଆଣ୍ଟି ଏକ୍ସଟ୍ରିମିଷ୍ଟ ଟାକଟିକ୍ସ (ଏଇଟି) ପ୍ରଶିକ୍ଷଣ ପାଇଁ ଯୋଗ୍ୟ ପୁଲିସ କର୍ମଚାରୀମାନଙ୍କ ନାମ ପଠାଇବାକୁ ଆଇଜି (ଅପରେସନ) ଚିଠି ଲେଖିଛନ୍ତି। ଆସନ୍ତା ୧୫ ତାରିଖ ସୁଦ୍ଧା ଯୋଗ୍ୟ ପୁଲିସ କର୍ମଚାରୀଙ୍କ ନାମ, ବ୍ରାସ୍ ନମ୍ବର, ନିଯୁକ୍ତି ତାରିଖ, ଜନ୍ମ ତାରିଖ, ଶିକ୍ଷାଗତ ଯୋଗ୍ୟତା, ଗୃହ ଥାନା/ଜିଲ୍ଲା ଓ ବେସିକ୍ କୋର୍ସ ଅଫ୍ ଟ୍ରେନିଂର ତାରିଖ ସମାପ୍ତିର ତାରିଖ ଦେବାକୁ ଓଏସ୍‌ଏପି, ଆଇଆରବି ଓ ସ୍ୱତନ୍ତ୍ର ଆଇଆରବିଙ୍କ କମାଣ୍ଡାଣ୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରତିବର୍ଷ 'ଏଇଟି' ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ଏଯାଏଁ ଅନେକ ପୁଲିସ କର୍ମଚାରୀ ଏହି ଟ୍ରେନିଂ ନେଇସାରିଛନ୍ତି। କିନ୍ତୁ 'ଏଇଟି' ପ୍ରଶିକ୍ଷଣ ପାଇସାରିବା ପରେ ମଧ୍ୟ ପୁଲିସ କର୍ମଚାରୀଙ୍କୁ ମାଓ ଦମନ ବଦଳରେ ଆଇନଶୃଙ୍ଖଳା ଡ୍ୟୁଟିରେ ନିୟୋଜିତ କରାଯାଉଥିବା ଦେଖିବାକୁ ମିଳୁଛି।

ସେପଟେ, ଆସନ୍ତା ୩୧ତାରିଖ ସୁଦ୍ଧା ଭାରତକୁ ନକ୍ସଲମୁକ୍ତ କରିବାକୁ କେନ୍ଦ୍ର ଗୃହମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି କ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସ୍ୱତନ୍ତ୍ର ମାଓ ଅପରେସନ୍ ଜାରି ରହିଛି। କିଛି ମାଓବାଦୀ ପୁଲିସ ଗୁଳିରେ ପ୍ରାଣ ହରାଉଥିବା ବେଳେ ଅନେକ ଆତ୍ମସମର୍ପଣ କରୁଛନ୍ତି। ରାଜ୍ୟର ମାଲକାନଗିରି, କୋରାପୁଟ, ବୌଦ୍ଧ ଓ ରାୟଗଡ଼ା ଜିଲ୍ଲାକୁ ମାଓ ମୁକ୍ତ ଘୋଷଣା ହୋଇ ସାରିଥିବା ବେଳେ ଆହୁରି ଏକାଧିକ ଜିଲ୍ଲାରେ ମାଓବାଦୀଙ୍କ ଗତିବିଧି ରହିଛି। ମାଓବାଦୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକୁ ଆସନ୍ତା ମାର୍ଚ୍ଚ ୩୧ସୁଦ୍ଧା ମୁକ୍ତ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଆଉ ୬ ସପ୍ତାହ ପରେ ଓଡ଼ିଶା ମାଓବାଦୀଙ୍କ କବଳରୁ ମୁକ୍ତ ହେବ ବୋଲି କୁହାଯାଉଥିବା ବେଳେ ୧୩ ସପ୍ତାହ ପାଇଁ ଆଣ୍ଟି ଏକ୍ସଟ୍ରିମିଷ୍ଟ ଟାକଟିକ୍ସ (ଏଇଟି) ପ୍ରଶିକ୍ଷଣରେ ଯିବାକୁ ଆଇଜି (ଅପରେସନ) ଚିଠି ଲେଖିବା ସାଧାରଣରେ ଆଶଙ୍କା ସୃଷ୍ଟି କରିଛି। ଆଇଜିଙ୍କ ଏହି ଚିଠି ପରେ ମାଓମୁକ୍ତ ଓଡ଼ିଶା ଲକ୍ଷ୍ୟ ବିଳମ୍ବିତ ହୋଇପାରେ ବୋଲି କୁହାଯାଉଛି।

# ରାଜ୍ୟ ଉଚ୍ଚଶିକ୍ଷା ପରିଷଦରେ ଅଚଳାବସ୍ଥା

**■ ଖାଲି ପଡ଼ିଛି ୧୩ ସଦସ୍ୟ ପଦ**
**■ ପଦ ପୂରଣ ପାଇଁ କଣ ପଦକ୍ଷେପ ନେଇଛ ଜଣାଅ : ହାଇକୋର୍ଟ**

କଟକ, ୧୦।୨ (ସମିସ): ପ୍ରାୟ ଏକ ବର୍ଷ ହେଲାଣି ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ୧୩ସଦସ୍ୟ ପଦ ଖାଲି ପଡ଼ିଥିବା ବେଳେ ୧୭ ମାସ ଧରି ପରିଷଦର ଭାରପ୍ରାପ୍ତ ଉପାଧ୍ୟକ୍ଷ ଭାବେ ଉଚ୍ଚଶିକ୍ଷା ସଚିବଙ୍କୁ ବେଆଇନ ଭାବେ ଅବସ୍ଥାପିତ କରାଯାଇଥିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଉଚ୍ଚଶିକ୍ଷା ପରିଷଦରେ ନିଯୁକ୍ତି ଦିଗରେ ସରକାର କ'ଣ ପଦକ୍ଷେପ ନେଇଛନ୍ତି, ସେ ସଂକ୍ରାନ୍ତରେ ବିସ୍ତୃତ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସରକାରଙ୍କୁ ନୋଟିସ୍ ଜାରି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସରକାର ଜବାବ ଦାଖଲ କରିବାର ଏକ ସପ୍ତାହ ଭିତରେ ଆବେଦନକାରୀ ପ୍ରତିଜବାବ ଦାଖଲ କରିବେ ବୋଲି ଅଦାଲତ କହିଛନ୍ତି। ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୦ରେ ହେବ।

ମାମଲାରୁ ପ୍ରକାଶ ଯେ ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ଅଧିନିୟମ ୨୦୧୭ ଅନୁସାରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ପରିଷଦର ସଦସ୍ୟ ଭାବରେ ତଥା ଜଣେ ଉପାଧ୍ୟକ୍ଷ ସମେତ ୧୫ଜଣ ସଦସ୍ୟ ରହିବା ବ୍ୟବସ୍ଥା ଅଛି। ଉପାଧ୍ୟକ୍ଷ ଭାବେ ନିଯୁକ୍ତି ପାଇଥିବା ପ୍ରଫେସର୍ ଅଶୋକ କୁମାର ଦାସଙ୍କ ୬ ବର୍ଷିଆ କାର୍ଯ୍ୟକାଳ ଶେଷ ପରେ ପୁଣି ଏହାକୁ ବଢ଼ାଯାଇଥିଲା। ବର୍ଦ୍ଧିତ କାର୍ଯ୍ୟକାଳ ସମୟରେ ସେ ଗତ ୨୦୨୪ ଅଗଷ୍ଟ ୮ ତାରିଖରେ ଇସ୍ତଫା ଦେଇଥିଲେ। କିନ୍ତୁ ତାଙ୍କ ପଦବୀ ଆଇନ ଅନୁସାରେ ପୂରଣ କରିବା ପରିବର୍ତ୍ତେ ୨୦୨୪ ସେପ୍ଟେମ୍ବର ୬ ତାରିଖରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ସଚିବ ଭାରପ୍ରାପ୍ତ ଉପାଧ୍ୟକ୍ଷ ଭାବରେ ନିଯୁକ୍ତ ହେଲେ। ଏହା ସମ୍ପୂର୍ଣ୍ଣ ବେଆଇନ ଭାବେ ଦର୍ଶାଇ ତାଙ୍କ ନିଯୁକ୍ତିକୁ ରଦ୍ଦ କରି ଉପାଧ୍ୟକ୍ଷ ଭାବରେ ଆଇନ ଅନୁଯାୟୀ ନିଯୁକ୍ତି ଦେବାକୁ ପ୍ରାର୍ଥନା କରାଯାଇଛି। ସେହିପରି ପରିଷଦର ୧୩ଜଣ ସଦସ୍ୟଙ୍କ ୬ବର୍ଷିଆ କାର୍ଯ୍ୟକାଳ ଗତ ୨୦୨୫ ଫେବୃଆରି ୧୯ ତାରିଖରେ ଶେଷ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ସେହି ପଦଗୁଡ଼ିକୁ ସରକାର ପୂରଣ କରିନାହାନ୍ତି। ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଅଧିନିୟମର ଧାରା ୫, ଉପଧାରା ୪ ଅନୁସାରେ ପଦ ଖାଲି ପଡ଼ିବାର ୬ମାସ ଆଗରୁ ପଦବୀ ପୂରଣ ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିବା କଥା। ମାତ୍ର ଏପର୍ଯ୍ୟନ୍ତ ରାଜ୍ୟ ସରକାର ପରିଷଦରେ ଖାଲି ପଡ଼ିଥିବା ପଦ ପୂରଣ ପାଇଁ ପଦକ୍ଷେପ ନେଇନାହାନ୍ତି। ରାଜ୍ୟରେ ସ୍ନାତକଠାରୁ ସ୍ନାତକୋତ୍ତର ଶିକ୍ଷା ତଥା ଗବେଷଣା କ୍ଷେତ୍ରରେ ତଥା ଉଚ୍ଚଶିକ୍ଷାର ମାନ ବଜାୟ ରଖିବାରେ ପରିଷଦ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲା ବେଳେ ସରକାରଙ୍କ ଅବହେଳାକୁ ଏହି ପରିଷଦରେ ଅଚଳାବସ୍ଥା ଦେଖାଦେଇଛି।



### ସାଗରଶ୍ରୀ ହୋଟେଲ୍‌ରେ ଲୁଟ୍ ଘଟଣା

# ମାଷ୍ଟରମାଇଣ୍ଡ ଯୁବତୀଙ୍କ ସମେତ ୩ ଗିରଫ

- ମୃଦୁ ପାନୀୟରେ ନିଶା ଦେଇ ଲୁଟିଥିଲେ ଟଙ୍କା ଓ ସୁନା
- ଯୁବକଙ୍କୁ ଅଭିଯୁକ୍ତା ପ୍ରଲୋଭିତ କରି ହୋଟେଲ୍ ରୁମ୍‌କୁ ଡାକିଥିଲେ: ଅଚେତ କରାଇ ଲୁଟିନେଲେ
- ନଗଦ ୫୩ ହଜାର ଟଙ୍କା, ବୁଲେଟ୍ ଓ ଆଇଫୋନ୍ ଜବତ



କଟକ, ୧୦।୨(ସମିସ): ମିଠା କଣ୍ଠ ସ୍ୱର, ମିଛ ପ୍ରଲୋଭନ ଓ ବନ୍ଧୁତା କରିବାର ଲୋଭ ଦେଖାଇ ହୋଟେଲ୍ ରୁମ୍ ଭିତରେ ଅଭିଯୁକ୍ତା ମହିଳା ଜଣକ ଜଣେ ଯୁବକଙ୍କର ସର୍ବସ୍ୱ ଲୁଟି ନେଇଛି। ମାଷ୍ଟରମାଇଣ୍ଡ ମହିଳା ଜଣକ ପୂର୍ବରୁ ଯୋଜନା କରି ଏଭଳି ଅପରାଧ ଘଟାଇଥିବା ବେଳେ ପୁରୀଘାଟ ଥାନା ପୁଲିସ ଏହି ଘଟଣାରେ ୩ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ମାଷ୍ଟରମାଇଣ୍ଡ ଇତିଶ୍ରୀ ସାହୁ(୩୦), ମହେଶ କୁମାର ଦାସ(୩୯) ଏବଂ ନରେନ୍ଦ୍ର ମହାରଣା(୪୮)। ସେମାନଙ୍କଠାରୁ ଗୋଟିଏ ବୁଲେଟ୍, ଗୋଟିଏ ଓଲା ଇ-ବାଇକ୍, ୨ଟି ହାତ ଘଣ୍ଟା, ଗୋଟିଏ ଆଇଫୋନ୍ ଏବଂ ଗୋଟିଏ ସାମସଙ୍ଗ୍ ମୋବାଇଲ୍, ୫ଟି ସୁନା ଚେନ୍, ଗୋଟିଏ ସୁନା ମୁଦି, ନଗଦ ୫୩ହଜାର ୫୦୦ଟଙ୍କା, ଏଟିଏମ୍ ଓ ଆଧାର କାର୍ଡ ଜବତ କରାଯାଇଛି। ଆଜି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ୍ ନାମଞ୍ଜୁର ହେବାରୁ ୩ଜଣଙ୍କୁ ଚୌଦ୍ୱାର୍ ଜେଲ୍‌କୁ ପଠାଇ ଦିଆଯାଇଛି।

ପୁଲିସ ସୂଚନା ଅନୁସାରେ, କଟକ ସଦର ଥାନା ଅନ୍ତର୍ଗତ ଶଙ୍ଖତ୍ରାସ ଗାଁର ପ୍ରିୟଭୂଷଣ ନନ୍ଦ ପୁରୀଘାଟ ଥାନାରେ ଗତ ୧୧ତାରିଖରେ ଏହି ଲୁଟ୍ ସମ୍ପର୍କରେ ଏତଲା ଦେଇଥିଲେ। ସେ ଏତଲାରେ ଦର୍ଶାଇଥିଲେ, ତାଙ୍କ ଭାଇ ବିଦ୍ୟୁଭୂଷଣଙ୍କୁ ଗତ ଜାନୁଆରୀ ୧୦ ତାରିଖରେ ଜଣେ ମହିଳା ଫୋନ୍ କରି ପ୍ରଲୋଭିତ କରିବା ସହିତ ହରିପୁର-ଦୋଳମୁଣ୍ଡାଇସ୍ଥିତ ସାଗଶ୍ରୀ ହୋଟେଲ୍‌କୁ ଡାକିଥିଲେ। ଉକ୍ତ ମହିଳା ତଥା ମାଷ୍ଟରମାଇଣ୍ଡ ଇତିଶ୍ରୀ ଫୋନ୍‌ରେ ମିଛ ପ୍ରତିଶ୍ରୁତି ଦେବା ସହିତ ଖୁବଶୀଘ୍ର ଦେଖା କରିବାକୁ ଜିଦି ଧରିଥିଲେ। ବିଦ୍ୟୁଭୂଷଣ ମିଠା କଥାରେ ଫସିଯାଇ ଇତିଶ୍ରୀଙ୍କ କଥାକୁ ବିଶ୍ୱାସକୁ ନେଇ ସାଗଶ୍ରୀ ହୋଟେଲ୍‌ରେ ପହଞ୍ଚିଥିଲେ। ସେ ପହଞ୍ଚିବା ପରେ ଇତିଶ୍ରୀ ତାଙ୍କୁ ହୋଟେଲ୍ ରୁମ୍‌କୁ ପାଛୋଟି ନେଇଥିଲେ। ସେଠାରେ କିଛି ସମୟର ବାର୍ତ୍ତାଳାପ ପରେ ସେ ଏକ ଗ୍ଲାସ୍‌ରେ ମୃଦୁ ପାନୀୟ ଆଣି ବିନ୍ଦୁଙ୍କୁ ପିଆଇ ଦେଇଥିଲେ। ସେହି ମୃଦୁ ପାନୀୟରେ ନିଶାଦ୍ରବ୍ୟ(ନିଶ୍ଚେତକ) ମିଶିଥିଲା। ମାତ୍ର ୫ମିନିଟ୍ ଭିତରେ ବିଦ୍ୟୁଭୂଷଣ ହୋଟେଲ୍ ରୁମ୍‌ର ବେଡ୍‌ରେ ବେହୋସ୍ ହୋଇ ପଡ଼ିଯାଇଥିଲେ। ପୂର୍ବ ଯୋଜନା ମୁତାବକ ଇତିଶ୍ରୀ ତାଙ୍କ ବେକରୁ ସୁନା ଚେନ୍, ହାତରୁ ମୁଦି ଖୋଲି ନେବା ସହିତ ତାଙ୍କ ପର୍ସରେ ରହିଥିବା ନଗଦ ୧ଲକ୍ଷ ଟଙ୍କା ଇତିଶ୍ରୀ ଲୁଟି ନେଇଥିଲେ। ତାଙ୍କ ଫୋନ୍ ପେ'ରୁ ୮୦ହଜାର ଟଙ୍କା ଟ୍ରାନ୍ସଫର୍ କରି ଫେରାର୍ ହୋଇଯାଇଥିଲେ। ହୋଟେଲ୍ ପାଖରେ ପୂର୍ବରୁ ଲୁଚି ରହିଥିବା ଅଭିଯୁକ୍ତ ନରେନ୍ଦ୍ର ଓ ମହେଶ୍ ଏସବୁ କାର୍ଯ୍ୟରେ ଅଭିଯୁକ୍ତ ଇତିଶ୍ରୀଙ୍କୁ ସାହାର୍ଯ୍ୟ କରିଥିଲେ। ଏତଲା ହେବା ପରେ ପୁରୀଘାଟ ଥାନା ପୁଲିସ ତଦନ୍ତ ଚଳାଇଥିଲା। ସାକ୍ଷୀମାନଙ୍କ ବୟାନ ରେକର୍ଡ କରାଯାଇଥିଲା ଏବଂ ସାଗରଶ୍ରୀ ହୋଟେଲ ସହିତ ନିକଟସ୍ଥ ଦୋକାନ ଓ ନିକଟବର୍ତ୍ତୀ ଅଞ୍ଚଳର ସିସି କ୍ୟାମେରା ଫୁଟେଜ୍ ସଂଗ୍ରହ କରାଯାଇ ବିଶ୍ଳେଷଣ କରାଯାଇଥିଲା। ଏହି ଫୁଟେଜ୍ ଆଧାରରେ ଅଭିଯୁକ୍ତାଙ୍କ ଗତିବିଧି ସ୍ପଷ୍ଟ ଭାବେ ପ୍ରମାଣିତ ହୋଇଥିଲା ଏବଂ ଅପରାଧରେ ତାଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ଏହାପରେ ପୁଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି କଟକ ସଦର ଓ ସହରରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ମାଷ୍ଟରମାଇଣ୍ଡ ଇତିଶ୍ରୀ ଓ ଅନ୍ୟ ୨ ଅଭିଯୁକ୍ତ ମହେଶ ଓ ନରେନ୍ଦ୍ରଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଥିଲା। ଏହି ଘଟଣା ସମ୍ପର୍କରେ ପୁରୀଘାଟ ଥାନା ପୁଲିସ କହିଛି ଯେ, ବନ୍ଧୁଭୂଷଣଙ୍କୁ ବହୁ ପୂର୍ବରୁ ଅଭିଯୁକ୍ତା ଇତିଶ୍ରୀଙ୍କୁ ଜାଣନ୍ତି। ଦୁହେଁ ପୂର୍ବରୁ ବେଶ୍ ଭଲ ଭାବେ ଜଣାଶୁଣା ଥିଲେ। ପ୍ରେମ ଜାଲ୍‌ରେ ଫସାଇ ହୋଟେଲ୍ ରୁମ୍ ଭିତରେ ସମୟ ବିତାଇବା ପାଇଁ ଇତିଶ୍ରୀ ଯୋଜନା କରିଥିଲା। ଏହି ଯୋଜନା ମୁତାବକ ସେ ବିଦ୍ୟୁଭୂଷଣଙ୍କୁ ଏକାନ୍ତରେ ହୋଟେଲ୍ ରୁମ୍ ଭିତରେ ଭେଟି ଏହି ଲୁଟ୍ କରିଥିଲା।

## ଧାନ ସଂଗ୍ରହରୁ ଏସ୍‌ଏଚ୍‌ଜିକୁ ବାଦ୍ ନିର୍ଦ୍ଦେଶ ହାଇକୋର୍ଟରେ ରଦ୍ଦ

କଟକ, ୧୦।୨(ସମିସ): ଗଞ୍ଜାମ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ବେଆଇନ ଭାବେ ବାଦ୍ ଦିଆଯିବା ପ୍ରସଂଗରେ ଜିଲ୍ଲାପାଳଙ୍କ ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ମା ଦକ୍ଷିଣକାଳୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ରାୟ ପ୍ରଦାନ ସହ ଗଞ୍ଜାମ ଜିଲ୍ଲାପାଳଙ୍କ ଦ୍ୱାରା ଜାରି କରାଯାଇଥିବା ବାଦ୍ ଦେବା ଆଦେଶକୁ ରଦ୍ଦ କରିଛନ୍ତି। ଆବେଦନକାରୀ ଚାହିଁଲେ ଦୋଷୀ ଅଧିକାରୀଙ୍କ ଠାରୁ କ୍ଷତିପୂରଣ ପାଇଁ ଦାବି କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ ଯେ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ'କୁ ୨୦୨୫-୨୬ ଖରିଫ ବର୍ଷ ପାଇଁ ଧାନ ସଂଗ୍ରହ ଏଜେନ୍ସି ଭାବେ ଚୟନ କରାଯାଇଥିଲା। ଏଥିପାଇଁ ଗୋଷ୍ଠୀର ସଦସ୍ୟମାନଙ୍କୁ ତାଲିମ ଦିଆଯିବା ସହ ଧାନ ସଂଗ୍ରହ ଉପକରଣ ମଧ୍ୟ ଯୋଗାଇ ଦିଆଯାଇଥିଲା। ଆବେଦନକାରୀଙ୍କ ସମସ୍ତ ଭିତ୍ତିଭୂମି ଓ ଯନ୍ତ୍ରପାତି ଥିବା ନେଇ ଜିଲ୍ଲା ଯାଞ୍ଚ କମିଟି ଉଲ୍ଲେଖ କରିଥିଲେ ସୁଦ୍ଧା କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଜିଲ୍ଲାପାଳ ଏକ କାର୍ଯ୍ୟାଳୟ ଆଦେଶ ମାଧ୍ୟମରେ ଏହି ଗୋଷ୍ଠୀକୁ ତାଲିକାରୁ ବାଦ୍ ଦେଇଥିଲେ। ଏହା ବିରୋଧରେ ସମ୍ପୃକ୍ତ ଏସଏଚଜି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରଭାସ ଚନ୍ଦ୍ର ଜେନା ମାମଲା ପରିଚାଳନା କରୁଥିଲେ।

## ଅନୁଗୋଳରେ ଅରୁନ୍ଧତୀ ଜୁଏଲର୍ସର ୫୧ ମେଗା ଲକ୍ଷପତି ଡ୍ର'

ଭୁବନେଶ୍ୱର,୧୦।୨(ସମିସ): ଜୁଏଲାରୀ ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଅନୁଗୋଳର ବିଜୁ ମଇଦାନଠାରେ '୫୧ ମେଗା ଲକ୍ଷପତି ଡ୍ର' କାର୍ଯ୍ୟକ୍ରମ ୧୨ ଫେବୃଆରୀରେ ଅନୁଷ୍ଠିତ ହେବାକୁ ଯାଉଛି। ଦୀର୍ଘ ୨୫ ବର୍ଷ ଧରି ଓଡ଼ିଶାବାସୀଙ୍କ ବିଶ୍ୱାସ ଓ ଭରସାକୁ ଅକ୍ଷୁର୍ଣ୍ଣ ରଖି ଅରୁନ୍ଧତୀ ଜୁଏଲର୍ସ ସବୁବେଳେ ତା'ର ଗ୍ରାହକମାନଙ୍କ ମନକୁ ଛୁଇଁଲା ପରି ଆକର୍ଷଣୀୟ ସୁନା ଗହଣା ଓ ସେବା ଭେଟି ଦେଇଆସିଛି। ତେବେ ଚଳିତ ବର୍ଷ ସେହି ସଫଳତାକୁ ଆଉ ପାଦେ ଆଗକୁ ନେଇ ପ୍ରତିଷ୍ଠାନ ପକ୍ଷରୁ ୫୧ ଜଣ ଭାଗ୍ୟଶାଳୀ କୁପନଧାରୀ ଗ୍ରାହକଙ୍କୁ ଲକ୍ଷପତି ହେବାର ସର୍ବୋତ୍ତମ ସୁଯୋଗ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଆକର୍ଷଣ ଥିଲେ ଓଡ଼ିଆ ଚଳଚ୍ଚିତ୍ର ନାୟିକା ତଥା ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଓଡ଼ିଶାବାସୀଙ୍କ ସ୍ନେହ, ଶ୍ରଦ୍ଧା ଓ ନିରନ୍ତର ଭଲପାଇବା ପାଇଁ ହିଁ ଅରୁନ୍ଧତୀ ଜୁଏଲର୍ସ ଆଜି ସଫଳତାର ଶୀର୍ଷକୁ ଛୁଇଁ ପାରିଛି। ଏଥିପାଇଁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ଏହିପରି ଆକର୍ଷଣୀୟ ଅଫର ଏବଂ ନିଷ୍ଠାପର ସେବା ଯୋଗାଇ ଦେବାକୁ ପୂରା ଅରୁନ୍ଧତୀ ପରିବାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଛନ୍ତି।

Arundhati® JEWELLERS

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ମେୟର

- କଟକର ଇଂରାଜୀ ନାମ ପରିବର୍ତ୍ତନ କରିବାକୁ ଦାବି

କଟକ, ୧୦।୨(ସମିସ): କଟକ ମେୟର ସୁବାସ ସିଂହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଲେଖି କଟକର ନାମ ଇଂରାଜୀରେ 'ସିୟୁଟିଟିଏସିକେ' ବଦଳରେ 'କେଏଟିଏକେ'କୁ ପରିବର୍ତ୍ତନ କରିବାକୁ ଦାବି କରିଛନ୍ତି। ଗତ ସପ୍ତାହରେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୧ଟି ଜିଲ୍ଲାର ୨୫ଟି ଅଞ୍ଚଳର ଇଂରାଜୀ ନାମର ଓଡ଼ିଆ ନାମ ଅନୁସାରେ ବଦଳାଉଛନ୍ତି କିନ୍ତୁ ଦୁର୍ଭାଗ୍ୟର କଥା ଓଡ଼ିଶାରେ ପୁରାତନ ରାଜଧାନୀ ତଥା ବ୍ୟବସାୟିକ ପେଣ୍ଠସ୍ଥଳ କଟକର ନାମକୁ ଅପରିବର୍ତ୍ତିତ ରଖିଛନ୍ତି। ରେଭେନ୍ସା କଲେଜରୁ ଏବଂ ଐତିହାସିକ ଦସ୍ତାବିଜରୁ ଏହା ପ୍ରମାଣିତ ହୋଇଛି ଯେ ସ୍ୱାଧୀନତା ଆଗରୁ କଟକର ଇଂରାଜୀରେ ନାମ କେଏଟିଏକେ ଭାବରେ ଲେଖାଯାଉଥିଲା କିନ୍ତୁ କୌଣସି କାରଣବଶତଃ ଏହା 'ସିୟୁଟିଟିଏସିକେ' ଲେଖାଯାଉଛି। କଟକ ଜିଲ୍ଲା ଓ କଟକ ସହରର ସମସ୍ତ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ଭାବନା ଓ ଆବେଗକୁ ଦୃଷ୍ଟିରେ ରଖି କଟକର ନାମ 'ସିୟୁଟିଟିଏସିକେ' ବଦଳରେ 'କେଏଟିଏକେ'କୁ ପରିବର୍ତ୍ତନ କରିବାକୁ ଦାବି କରିଛନ୍ତି।

### ଆଜାଦ୍‌ନଗର ବୋମା ବିସ୍ଫୋରଣ | ମଫି ପରେ ମା'ଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୦।୨(ସମିସ): ଏୟାରଫିଲଡ୍ ଥାନା ଆଜାଦ ନଗର ବିସ୍ଫୋରଣ ଘଟଣା। ବିସ୍ଫୋରଣରେ ମୃତ ସେହେନ୍ୱାଜ ମଲ୍ଲିକ ଓରଫ ମଫିର ମା'ଙ୍କ ମୃତ୍ୟୁ। ନିଜାତୁନ ବିବିଙ୍କ କଟକ ବଡ଼ ମେଡ଼ିକାଲ ରେ ମୃତ୍ୟୁ ହୋଇଛି। ଗତ ମାସ ୨୭ ତାରିଖରେ ବୋମା ଭିଡିବା ବେଳେ ହୋଇଥିଲା ଭୟଙ୍କର ବିସ୍ଫୋରଣ। ରାଜ୍ୟ ବାହାର ବିସ୍ଫୋରଣ ସହ ଏୟାରଫିଲଡ୍ ବିସ୍ଫୋରଣ ଲିଙ୍କ ନେଇ ପୂର୍ବରୁ ଚାଲିଥିଲା ଖୋଳତାଡ଼। ମୁଖ୍ୟ ଅଭିଯୁକ୍ତ ମଫିର ପୂର୍ବରୁ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଥିଲା। ଦେଶଦ୍ରୋହ ସମ୍ପର୍କିତ ଲିଙ୍କ ଜଣାପଡ଼ିବା ପରେ ଖୋଳତାଡ଼ ବ୍ୟାପକ ହୋଇଥିଲା। ଫରେନସିକ ରିପୋର୍ଟ ଆସିବାକୁ ଅପେକ୍ଷା ଥିବା ବେଳେ ୨ ଜଣଙ୍କ ମୃତ୍ୟୁ ତଦନ୍ତରେ ବାଧକ ସାଜିବ ବୋଲି ଆଶଙ୍କା କରାଯାଉଛି।

## କାର୍ ସହ ୫୦ କିଲୋ ଗଞ୍ଜେଇ ଜବତ; ବେପାରୀ ଗିରଫ

କଟକ, ୧୦।୨(ସମିସ): କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଜଣେ ପେସାଦାର ନିଶା ବେପାରୀକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ବକ୍ସିବଜାର ପେଟିନ ସାହି ଅଞ୍ଚଳର ଏସକେ. ଆବିଦ(୩୯)। ତା' ପାଖରୁ ୫୦ କିଲୋ ଓଜନର ଗଞ୍ଜେଇ ଜବତ କରାଯାଇଛି।

ସୂଚନା ଅନୁସାରେ, ଅଭିଯୁକ୍ତ ଆବିଦ ନିୟମିତ ବ୍ୟବଧାନରେ କଟକରୁ ବିଭିନ୍ନ ସ୍ଥାନକୁ ଗଞ୍ଜେଇ ଚାଲାଣ କରୁଥିଲା। ସେ ଅତି ଚତୁରାତର କନ୍ଧମାଳରୁ ଗଞ୍ଜେଇ ଆଣି କାରବାର ଚଳାଇଥିବାରୁ କାହା ହାତରେ ଧରାପଡୁନଥିଲା। ନିକଟରେ ଆବିଦର କାରନାମା ବିଷୟରେ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ସେବେଠାରୁ ନିଶାଦ୍ରବ୍ୟ ସହ ତାକୁ ଧରିବା ପାଇଁ ଅବକାରୀ ଟିମ ତା' ଗତିବିଧି ଉପରେ ନଜର ରଖିଥିଲା। ଆଜି ସକାଳେ ହଠାତ ସୂଚନା ମିଳିଲାକି, ଆବିଦ ନିଜ ଘରେ ବିପୁଳ ପରିମାଣର ନିଶାଦ୍ରବ୍ୟ ଗଚ୍ଛିତ ରଖିଛି। ଏହାପରେ ଅବକାରୀ ଟିମ ତୁରନ୍ତ ପେଟିନ ସାହି ସ୍ଥିତ ତାର ଭଡା ଘରେ ଚଢଉ କରିଥିଲେ। ସେଠାରୁ ଦୁଇଟି ବସ୍ତାରେ ୫୦ କିଲୋ ଓଜନର ଗଞ୍ଜେଇ ମିଳିଥିଲା। ଯାହାର ମୂଲ୍ୟ ପ୍ରାୟ ୧୪ ଲକ୍ଷ ଟଙ୍କା ହେବ। ଆଜି ସକାଳେ ସେ ଉକ୍ତ ନିଶାଦ୍ରବ୍ୟକୁ ଧରି କୋଲକତା ଯିବାକୁ ଯୋଜନା କରିଥିଲା। ମାତ୍ର ଗାଡିରେ ନିଶାଦ୍ରବ୍ୟ ଭର୍ତ୍ତି କଲାବେଳେ ଅବକାରୀ ଟିମ ତାକୁ ମାଡିବସିଥିଲା। ପୂର୍ବରୁ ମଧ୍ୟ ସେ ଅନେକ ଥର ରାଜ୍ୟ ତଥା ରାଜ୍ୟ ବାହାରକୁ ନିଶାଦ୍ରବ୍ୟ ଚାଲାଣ କରିଛି। ସେ ଆଗୁଆ କନ୍ଧମାଳରୁ ବିପୁଳ ପରିମାଣର ଗଞ୍ଜେଇ ଆଣି ପେଟିନ ସାହି ଘରେ ଠୁଳ କରେ। ପରେ ଗ୍ରାହକଙ୍କ ଅର୍ଡର ଓ ଆଡଭାନ୍ସ ମିଳିବାମାତ୍ରେ ନିଶାଦ୍ରବ୍ୟ ନେଇ ଠିକଣା ସ୍ଥାନରେ ପହଞ୍ଚାଇଦେଉଥିଲା ବୋଲି ଜେରା ବେଳେ ଅଭିଯୁକ୍ତ ଆବିଦ ସ୍ୱୀକାର କରିଥିବା ଅବକାରୀ ଉପ ଅଧିକ୍ଷକ ବିକାଶ ନାୟକ ସୂଚନା ଦେଇଛନ୍ତି। ନିଶାଦ୍ରବ୍ୟ କାରବାର କରି ସେ ପ୍ରଚୁର ଆୟ କରିଥିବା ଜଣାପଡ଼ିଛି। କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି।

## କଡ଼ା ସୁରକ୍ଷା ମଧ୍ୟରେ ବିଭିନ୍ନ ଜିଲ୍ଲାକୁ ଗଲା ମାଟ୍ରିକ ପ୍ରଶ୍ନପତ୍ର କଣ୍ଟେନର



କଟକ, ୧୦।୨(ସମିସ): ଆସନ୍ତା ୧୯ ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ମାଟ୍ରିକ ପରୀକ୍ଷା ପାଇଁ ଆଜିଠାରୁ ପ୍ରଶ୍ନପତ୍ର ପ୍ରେରଣ ପ୍ରକ୍ରିୟା ଆରମ୍ଭ ହୋଇଛି। କଟକସ୍ଥିତ ବୋର୍ଡ଼ କାର୍ଯ୍ୟାଳୟରୁ ପ୍ରଥମ ଦିନରେ ୫ଟି ଜିଲ୍ଲା ଅଭିମୁଖେ ୫ଟି କଣ୍ଟେନର ବାହାରିଛି। ସର୍ବାଧିକ ଗୋପନୀୟତା ରକ୍ଷା କରିବା ପାଇଁ ପ୍ରତ୍ୟେକ ଗାଡ଼ିରେ ବୋର୍ଡ଼ର ଦୁଇଜଣ କର୍ମଚାରୀଙ୍କ ସହ ଦୁଇଜଣ ସଶସ୍ତ୍ର ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଆଜି ସକାଳୁ ବୋର୍ଡ଼ ସଭାପତି ଓ ଅନ୍ୟାନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ପ୍ରଥମ ଗାଡ଼ିଟିକୁ କୋରାପୁଟ ଜିଲ୍ଲା ପାଇଁ ଗଡ଼ାଯାଇଥିଲା। ପ୍ରଶ୍ନପତ୍ର ଓ ଅନ୍ୟାନ୍ୟ ଗୋପନୀୟ ସାମଗ୍ରୀ ବହନ କରୁଥିବା ଏହି କଣ୍ଟେନରଗୁଡ଼ିକର ଗତିବିଧି ଉପରେ ନଜର ରଖିବା ପାଇଁ ସେଥିରେ ଜିପିଏସ୍ ଟ୍ରାକିଂ ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ଗାଡ଼ିଗୁଡ଼ିକର ନମ୍ବର ପ୍ଲେଟ୍ ଓ ଗନ୍ତବ୍ୟପଥକୁ ସମ୍ପୂର୍ଣ୍ଣ ଗୋପନ ରଖାଯାଇଛି। ବୋର୍ଡ଼ର ସୂଚନା ଅନୁଯାୟୀ, ଫେବୃଆରୀ ୧୦ରୁ ୧୭ ତାରିଖ ମଧ୍ୟରେ ସମସ୍ତ ଜିଲ୍ଲାକୁ ପ୍ରଶ୍ନପତ୍ର ପଠାଯିବ। ଜିଲ୍ଲା ମୁଖ୍ୟାଳୟରୁ ଏଗୁଡ଼ିକୁ ନୋଡାଲ ସେଣ୍ଟରକୁ ପଠାଯିବ ଏବଂ ପରୀକ୍ଷା ପୂର୍ବଦିନ ନୋଡାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଇଛି।

### ଏସ୍‌ସିବି ଅଧୀକ୍ଷକଙ୍କୁ ଭେଟିଲା 'ରୋଗୀ ସୁରକ୍ଷା ମଞ୍ଚ'

## ଆଇସିୟୁ ଅବ୍ୟବସ୍ଥାକୁ ନେଇ ସପ୍ତାହକ ମହଲତ




କଟକ, ୧୦।୨(ସମିସ): କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ଆଇସିୟୁ ଏବଂ ବିଭିନ୍ନ ୱାର୍ଡରେ ଚିକିତ୍ସା କ୍ଷେତ୍ରରେ ଦେଖାଦେଉଥିବା ବ୍ୟାପକ ଅବହେଳାକୁ ନେଇ ଆଜି 'ରୋଗୀ ସୁରକ୍ଷା ମଞ୍ଚ' ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସଙ୍ଗଠନର କର୍ମକର୍ତ୍ତାମାନେ ମେଡିକାଲ ଅଧୀକ୍ଷକଙ୍କୁ ଭେଟି ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ମେଡିକାଲରେ ନିୟୋଜିତ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ରୋଗୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ନିକଟରେ ଆଇସିୟୁରେ ଜଣେ ମହିଳା ରୋଗୀ ବେଡ୍‌ରୁ ଖସି ପଡ଼ିବା ଏବଂ ଅନ୍ୟ ଜଣେ ବୃଦ୍ଧଙ୍କ ହାତରୁ ଚିକିତ୍ସା ଉପକରଣ ବାହାରି ରକ୍ତାକ୍ତ ଅବସ୍ଥାରେ ପଡ଼ି ରହିବା ଭଳି ଘଟଣା ଚିକିତ୍ସା ବ୍ୟବସ୍ଥାର ବିକଳ ଚିତ୍ରକୁ ପଦାରେ ପକାଇଛି। ଏସବୁ ସତ୍ତ୍ୱେ ଅବହେଳାକାରୀ କର୍ମଚାରୀଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ମଞ୍ଚ ଅଭିଯୋଗ କରିଛି। ସଙ୍ଗଠନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଏହି ଅଭିଯୋଗ ଉପରେ ଏକ ସପ୍ତାହ ମଧ୍ୟରେ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ଏହାକୁ ସାର୍ବଜନୀନ କରାଯାଉ। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ, ତେବେ ମଞ୍ଚ ପକ୍ଷରୁ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସୁରେଶ ମହାନ୍ତି, ସନ୍ତୋଷ ମହାନ୍ତି, ସୁରେଶ ଭୂୟାଁ, ବାପୁଜୀ କର, ରାମଚନ୍ଦ୍ର ରଣା, ଅର୍ଣ୍ଣଦା ପ୍ରସାଦ ଦାସ, କାର୍ତ୍ତିକ ସାହୁ, ଆକାଶ ପଟ୍ଟନାୟକ, ସନ୍ତୋଷ ସାହାଣୀ, ପ୍ରହଲ୍ଲାଦ ମହାରଣା, ବିବେକ ସେନାପତି ଏବଂ ସଂଗ୍ରାମ ବ୍ରହ୍ମାଙ୍କ ସମେତ ସଂଗଠନର ଅନେକ ସଦସ୍ୟ ଉପସ୍ଥିତ ଥିଲେ।

## ଧର୍ମଘଟକୁ ସଫଳ କରିବା ପାଇଁ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଆହ୍ୱାନ

ଭୁବନେଶ୍ୱର, ୧୦।୨(ସମିସ): କେନ୍ଦ୍ରୀୟ ଟ୍ରେଡ ୟୁନିଅନ ମାନଙ୍କର ମିଳିତ ମଞ୍ଚ ଏବଂ ସ୍ୱାଧୀନ ଫେଡେରେସନ ସମୂହ ପକ୍ଷରୁ ଆସନ୍ତା ୧୨ ତାରିଖରେ ସାଧାରଣ ଧର୍ମଘଟକୁ ସଂଯୁକ୍ତ କୃଷକ ମୋର୍ଚ୍ଚା, ଓଡ଼ିଶା ରାଜ୍ୟ ସମନ୍ୱୟ ସମିତି ଦେଶବ୍ୟାପୀ କୃଷକଶ୍ରମିକ ଆନ୍ଦୋଳନ ଓ ସାଧାରଣ ଧର୍ମଘଟ/ ଗ୍ରାମୀଣ ହରତାଳ କୁ ସଫଳ କରିବା ପାଇଁ ରାଜ୍ୟର ସମସ୍ତ କୃଷକ, କୃଷି ଶ୍ରମିକ, ଗ୍ରାମୀଣ ଜନସାଧାରଣ ଓ ଗଣତାନ୍ତ୍ରିକ ଶକ୍ତିମାନଙ୍କୁ ଆହ୍ୱାନ କରାଯାଉଛି। ସଂଯୁକ୍ତ କୃଷକ ମୋର୍ଚ୍ଚା ସ୍ପଷ୍ଟ କରୁଛି ଯେ ୧୨ ଫେବୃଆରୀର ଆନ୍ଦୋଳନ ସମୟରେ ସ୍ୱାସ୍ଥ୍ୟ ସେବା, ହସ୍ପିଟାଲ, ଆମ୍ବୁଲାନ୍ସ, ଦୁଗ୍ଧ, ପାଣି, ଔଷଧ, ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଯୋଗାଣ ଏବଂ ସମସ୍ତ ପ୍ରକାର ପରୀକ୍ଷା (ବୋର୍ଡ, ପ୍ରତିଯୋଗିତାମୂଳକ ଇତ୍ୟାଦି) କୁ ଏହି ହରତାଳରୁ ମୁକ୍ତ ରଖାଯିବ। ଓଡ଼ିଶାର ସମସ୍ତ ସାଧାରଣ ଜନତା କୃଷକଶ୍ରମିକଙ୍କ ନ୍ୟାୟସଙ୍ଗତ ଦାବି ପାଇଁ ୧୨ ଫେବୃଆରୀର ସାଧାରଣ ଧର୍ମଘଟ/ ଗ୍ରାମୀଣ ହରତାଳ ସମର୍ଥନ ଦେଇ ଏହାକୁ ସଫଳ କରିବା ପାଇଁ ସଂଯୁକ୍ତ କୃଷକ ମୋର୍ଚ୍ଚା ଓଡ଼ିଶା ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ବିଶିଷ୍ଟ କୃଷକ ନେତା ଅଶୋକ କୁମାର ପ୍ରଧାନ, ଲିଙ୍ଗରାଜ, ପ୍ରଫୁଲ୍ଲ ସାମନ୍ତରା, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, କ୍ଷୀରୋଦ କୁମାର ସିଂହଦେଓ, ରଘୁନାଥ ଦାସ, ଅଶୋକ ପ୍ରଧାନ, ପ୍ରମୁଖ ନେତୃବୃନ୍ଦ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ନିବେଦନ କରିଛନ୍ତି।

### କରୋନା ପରେ କମିଛି ରୋଗପ୍ରତିରୋଧକ ଶକ୍ତି

# ମାସେ ହେଲା ହସ ଛଡ଼ାଇ ନେଇଛି ଥଣ୍ଡାକାଶ

ଭୁବନେଶ୍ୱର, ୧୦।୨(ସମିସ): କୋଭିଡ୍ ପରବର୍ତ୍ତୀ ସମୟରେ ଶରୀରର ରୋଗପ୍ରତିରୋଧକ ଶକ୍ତି ହ୍ରାସ ଅନେକଙ୍କ ପାଇଁ କାଳ ହୋଇଛି। ବିଶେଷକରି ଥଣ୍ଡା, କାଶ ରୋଗରେ ପୀଡ଼ିତ ରୋଗୀଙ୍କୁ ମାସାଧିକ କାଳ ଏଥିରେ ଆକ୍ରାନ୍ତ ହେବାକୁ ପଡୁଛି। ଯାହା ରାଜଧାନୀବାସୀଙ୍କ ପାଇଁ ବଡ଼ଧରଣର ଚିନ୍ତାର କାରଣ ପାଲଟିଛି ବୋଲି ସ୍ୱାସ୍ଥ୍ୟବିଶେଷଜ୍ଞମାନେ ମତ ଦେଇଛନ୍ତି।

- ତିନି ମାସରେ ୧୦ ପ୍ରତିଶତ ବଢ଼ିଛି ରୋଗୀଙ୍କ ସଂଖ୍ୟା



ଶୀତ ଯିବା ଏବଂ ଗ୍ରୀଷ୍ମ ପ୍ରବେଶ ପୂର୍ବରୁ ଥଣ୍ଡା, କାଶଜନିତ ରୋଗ ହେବା କିଛି ନୂଆକଥା ନୁହେଁ। ବିଶେଷକରି ଡିସେମ୍ବରରୁ ଜାନୁଆରୀ ଭିତରେ ଅଧିକାଂଶ ଲୋକଙ୍କ ଥଣ୍ଡାକାଶରେ ପୀଡ଼ିତ ହୋଇଥାନ୍ତି। ଏହି ସମୟ ମଧ୍ୟରେ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନାକରୁ ପାଣି ବାହାରିବା ସହ କାଶ ଲାଗି ରହିଥିଲା। ଯାହା ଏପର୍ଯ୍ୟନ୍ତ ମଧ୍ୟ ଲାଗି ରହିଥିବା ପରିଲକ୍ଷିତ ହେଉଛି। ସବୁ ବର୍ଗର ଲୋକ ଥଣ୍ଡା କାଶରେ ଆକ୍ରାନ୍ତ ହେଉଥିବାବେଳେ ବୃଦ୍ଧ ଏବଂ ଶିଶୁମାନଙ୍କ ମଧ୍ୟରେ ଏହା ଅଧିକ ଦେଖିବାକୁ ମିଳୁଛି। ଯେପରି ଗରମରୁ ଥଣ୍ଡାକୁ ଆସିଲେ ଶରୀରର ମେକାନିଜିମ୍ ବଦଳିଥାଏ ଏବଂ ଇମ୍ୟୁନିଟି ହ୍ରାସ ପାଏ। ତେଣୁ ଭାଇରାଲ ଫିଭର ବହୁ ପରିମାଣରେ ହେବା ସହ କାଶ, ଛିଙ୍କ ଲାଗି ରହେ। ହେଲେ ଏବେ ହଠାତ୍ ଶୀତ ଯିବା ପରେ ପାରଦ ଉପରମୁହାଁ ହୋଇଛି। ତଥାବି ଘରେ ଘରେ ଥଣ୍ଡା, କାଶର ରୋଗୀ କମି ନାହାନ୍ତି। ପୂର୍ବରୁ ଥଣ୍ଡା, କାଶ ହେଲେ ତିନିରୁ ୪ ଦିନ ଭିତରେ ଭଲ ହୋଇଯାଉଥିଲା। ଅତି ବେଶିରେ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ଥଣ୍ଡାକାଶ ଲାଗି ରହୁଥିଲା। କିନ୍ତୁ ଚଳିତବର୍ଷ ଏଥିରେ ବିଲକ୍ଷଣ ପରିଲକ୍ଷିତ ହୋଇଛି। କ୍ୟାପିଟାଲ ହସ୍ପିଟାଲର ଜଣେ ରୋଗୀ ସମ୍ପର୍କୀୟ ରୁକ୍ମିଣୀ ଜେନା କୁହନ୍ତି, ଗଲା ସପ୍ତାହେ ହେବ ଘରେ ସମସ୍ତଙ୍କୁ ଥଣ୍ଡା ଆଉ କାଶ ଲାଗି ରହିଛି। ଯେତେ ମେଡିସିନ ଖାଇଲେ ବି ସେୟା। ଦିନେ ନୁହଁ କି ଦୁଇ ଦିନ ନୁହଁ ବରଂ ପାଖାପାଖି ୭ରୁ ୮ ଦିନ ନହେଲା ଯାଏଁ କମୁନି। ଘରେ ଜଣଙ୍କ ପରେ ଆଉ ଜଣଙ୍କୁ ହେଉଛି। ଅନେକ କ୍ଷେତ୍ରରେ ଏକମାସ କାଳ ବା ତାଠାରୁ ଅଧିକ ଦିନ ହେବ ଥଣ୍ଡାଜନିତ ରୋଗ ସହ ଲହରା କାଶ ଲାଗି ରହୁଛି। ପୂର୍ବରୁ ଦେଶୀ ଚିକିତ୍ସାରେ ରୋଗ ଭଲ ହୋଇଯାଉଥିବା ବେଳେ ଏବେ ଔଷଧ ସେବନର ଦୀର୍ଘ ଦିନ ପର୍ଯ୍ୟନ୍ତ ରୋଗ ଭଲ ହେଉ ନ ଥିବା ପରିଲକ୍ଷିତ ହେଉଛି।

ଏ ସମ୍ପର୍କରେ କ୍ୟାପିଟାଲ ହସ୍ପିଟାଲର ଅତିରିକ୍ତ ଅଧୀକ୍ଷକ ଡା. ଧନଞ୍ଜୟ ଦାସ କହିଛନ୍ତି, ବର୍ତ୍ତମାନ ସମୟରେ ଥଣ୍ଡା, କାଶ ଜନିତ ସମସ୍ୟା ପାଇଁ ଆସୁଥିବା ରୋଗୀଙ୍କ ସଂଖ୍ୟା ନିକଟରେ କମିଛି। ମୁଖ୍ୟତଃ ଯେଉଁ ସମୟରେ ସବୁଠୁ ଅଧିକ ଶୀତ ହେଉଥିଲା ବା ଦୁଇ ତିନି ମାସ ପୂର୍ବରୁ ରୋଗୀଙ୍କ ସଂଖ୍ୟା ସବୁଠୁ ଅଧିକ ଥିଲା। କହିବାକୁ ଗଲେ ସେତେବେଳେ ଦିନକୁ ୧୦ ରୋଗୀଙ୍କ ସ୍ଥାନରେ କୋଡିଏରୁ ପଚିଶି ଆସୁଥିଲେ। ଯାହା ଏବେ କମୁଥିବା ଦେଖିବାକୁ ମିଳୁଛି। ହେଲେ ଯେଉଁମାନଙ୍କୁ ବି ଏବେ ଏହି ସମସ୍ୟା ହେଉଛି, ତାହା ପାଖାପାଖି ୭ରୁ ୮ ଦିନ ପର୍ଯ୍ୟନ୍ତ ଛାଡୁ ନାହିଁ। ଏଭଳି ସ୍ଥିତି ଆମେ କରୋନା ପରଠାରୁ ଲକ୍ଷ୍ୟ କରୁଛୁ। କେବଳ ପ୍ରଦୂଷଣ ଗୋଟେ କାରଣ ନୁହଁ କମ ରୋଗ ପ୍ରତିରୋଧ ଶକ୍ତି ମଧ୍ୟ କାରଣ ସାଜୁଛି। ତେଣୁ ସେମାନଙ୍କୁ ପରାମର୍ଶ ରହିବ କି ଘରୁ ବାହାରିଲେ ମାସ୍କ ବ୍ୟବହାର କରନ୍ତୁ। ଯଦି ଅଧିକ ଦିନ ଧରି ଏହା ଲାଗି ରହୁଛି, ତେବେ ଡାକ୍ତରଙ୍କ ପରାମର୍ଶ ନିଶ୍ଚିତ ଭାବରେ ନେବା ସହ ରକ୍ତ ପରିକ୍ଷା, ଇସିଜି ଆଦି ପରାମର୍ଶ କ୍ରମେ କରାଇ ନିଅନ୍ତୁ।

